# ରେଳପଥ ସଂଗ୍ରାମ ସମିତିର ପ୍ରତିବାଦ



ଷ୍ଟେଶନ ପରିଚାଳକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭଦ୍ରକ/ଚାନ୍ଦବାଲି,୧୧।୨ (ସନାତନ ରାଉତ/ ଅଶୋକ ପଣ୍ଡା)

ଯାଜପୁର ରୋଡ୍‌- ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଭଦ୍ରକ ରେଳ ଷ୍ଟେଶନ ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଏକ ପ୍ରତିବାଦ ସଭା କରାଯାଇଛି। ଶ୍ରମିକ ନେତା ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଚନ୍ଦ୍ରଶେଖର ନାୟକ, ପ୍ରଫୁଲ୍ଲ ପାଢ଼ୀ, ପ୍ରଫୁଲ୍ଲ ନାୟକ, ସେକ୍ ସନଓ୍ୱାଲା, ରମେଶ ବେହେରା, ଡ. ପ୍ରହ୍ଲାଦ ପତି, ବିଷ୍ଣୁ ଦାଶ, ରାଧା ଦାସ, ଗଣେଶ ପ୍ରଧାନ, ସେକ ବାବୁ, ସେକ କଲୁ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଗିରିଧାରୀ ନାଥ, ଦିଲୀପ ନାୟକ ପ୍ରମୁଖ ଯୋଗଦେଇ ଯାଜପୁର ରୋଡ୍‌ଠାରୁ ଧାମରା ବନ୍ଦର ଯାଏ ରେଳପଥ ସର୍ଭେ ଅନୁସାରେ କାର୍ଯ୍ୟ ପାଇଁ ବଜେଟ୍‌ରେ ଅର୍ଥ ବ୍ୟୟବରାଦ ଦିଆଯାଇ ନ ଥିବାରୁ ପ୍ରତିବାଦ କରିଥିଲେ। ଭଦ୍ରକ ରେଳ ଷ୍ଟେଶନର ଉଭୟ ପାର୍ଶ୍ୱରେ ଓଭରବ୍ରିଜ ତୁରନ୍ତ ନିର୍ମାଣ, ଧାମରାକୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆଦି ଦାବିରେ ଏକ ଦାବିପତ୍ର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ ପରିଚାଳକ ସୁବାଷ ସାହୁଙ୍କୁ ସେମାନେ ପ୍ରଦାନ କରିଛନ୍ତି।

ସେହିପରି ଯାଜପୁର ରୋଡ୍‌-ଧାମରା ରେଳପଥକୁ ସରକାରୀ ମଞ୍ଜୁରୀ ଓ ବ୍ୟୟବରାଦ, ଭଦ୍ରକ-ଧାମରା ରେଳପଥରେ ଯାତ୍ରୀବାହୀ ରେଳଗାଡ଼ି ଚଳାଚଳ ଦାବିରେ ଯାଜପୁର ରୋଡ୍‌-ଧାମରା ରେଳପଥ ସଂଗ୍ରାମ ସମିତି ଓ ଭଦ୍ରକ- ଧାମରା ରେଳ ସଂଗ୍ରାମ ସମିତି ପକ୍ଷରୁ ଧାମରା ବନ୍ଦର ମୁଖ୍ୟ ଫାଟକ ସମ୍ମୁଖରେ ପୂର୍ବାହ୍ନ ୧୧ଟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯାଜପୁର ରୋଡ୍‌-ଧାମରା ରେଳପଥ ସଂଗ୍ରାମ ସମିତିର ସଭ୍ୟ ବିକାଶ ନାଥ, ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତିର ସମ୍ପାଦକ ହାକିମ ଦାସ, ଯାଜପୁର ରୋଡ୍‌-ଧାମରା ରେଳପଥ ସଂଗ୍ରାମ ସମିତିର ବରିଷ୍ଠ ସଭ୍ୟ କାର୍ତ୍ତିକ ଖିଲାର, ଗୌରାଙ୍ଗ ଯେନା, ମଳୟ ଭୋଇ, କାଳନ୍ଦୀ ଯତି, ଶଙ୍କର୍ଷଣ ବିଶ୍ୱାଳ, ଘନଶ୍ୟାମ ଦାସ, ଦିବାକର ସେନାପତି, ଅଞ୍ଜନ ଦାସ ପ୍ରମୁଖ ଏଥିରେ ସାମିଲ ଥିଲେ। ତତ୍କାଳୀନ ରାଜ୍ୟ ସରକାର ଭଦ୍ରକ-ଧାମରା ରେଳପଥ ପାଇଁ ଶତାଧିକ ଏକର ଚାଷଜମି ଅଧିଗ୍ରହଣ କରିଥିଲେ ବି ଏପର୍ଯ୍ୟନ୍ତ ଯାତ୍ରୀବାହୀ ଟ୍ରେନ୍ ନ ଚାଲିବା ପରିତାପର ବିଷୟ ବୋଲି ସେମାନେ ମତବ୍ୟକ୍ତ କରିଥିଲେ।

## ବନ୍ଧୁମିଳନ, ଗୁରୁ ସମ୍ବର୍ଦ୍ଧନା ସମାରୋହ

ଚାନ୍ଦବାଲି,୧୧।୨(ଅଶୋକ ପଣ୍ଡା)

ଚାନ୍ଦବାଲି ବ୍ଲକର ମତୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୭୮ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ଗୁରୁ ସମ୍ବର୍ଦ୍ଧନା ସମାରୋହ ରବିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଇଂ. ଚୈତନ୍ୟ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ପୁରାତନ ବିଦ୍ୟାର୍ଥୀ ଓ ଶିକ୍ଷାବିତ୍‌ମାନେ ପୁରୁଣା ସ୍ମୃତିକୁ ମନେ ପକାଇ ଭାବବିହ୍ୱଳ ହୋଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ପଲେଇ, ଶିକ୍ଷକ ବିଷ୍ଣୁମୋହନ ମହାପାତ୍ର, ଅର୍ଜୁନ ଚରଣ ସାହୁ, ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଦାସଙ୍କ ସମେତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଂଗତ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା, ଦୀପଦାନ କରାଯାଇଥିଲା। ଡ. ସୁରେନ୍ଦ୍ର କୁମାର ବିଶ୍ୱାଳ, ଇଂ. ଭାଗୀରଥି ପଣ୍ଡା, କିଶୋର ଚନ୍ଦ୍ର ପଢ଼ିହାରୀ, ଅକ୍ଷୟ ବିଶ୍ୱାଳ, ରମେଶ ଚନ୍ଦ୍ର ବଳ, ହେମେନ୍ଦ୍ର କୁମାର ବାରିକ, ନବକିଶୋର ନାୟକ, ବ୍ରଜବନ୍ଧୁ ସାହୁ, ସୁନନ୍ଦ କୁମାର ମହାପାତ୍ର, ମନୋରମା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଟଳ ବିହାରୀ ମହାବିଦ୍ୟାଳୟର ବାର୍ଷିକ ସମାରୋହ




ଶ୍ରେଷ୍ଠ ଗ୍ରାଜୁଏଟ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ଅତିଥି।

ବାସୁଦେବପୁର,୧୧।୨ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ୬୦ତମ ବାର୍ଷିକ ସମାରୋହ ମଙ୍ଗଳବାର ମଧ୍ୟାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ସଭାକୁ ଉଦ୍‌ଘାଟନ କରି କହିଥିଲେ, ମଣିଷ ଜୀବନ ଏକ ମାଟି କଣ୍ଢେଇ ପରି। ଯେମିତି ତାକୁ ଗଢ଼ାଯିବ ତା'ର ରୂପ ଓ ଆକାର ମଧ୍ୟ ସେମିତି ହେବ। ଠିକ୍ ସେହିପରି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ବେଳେ ଯେମିତି ସଂସ୍କାର, ଶିକ୍ଷା ଦିଆଯିବ ସେମିତି ପିଲାମାନେ ଭଲ ମଣିଷ ହୋଇ ଉଭା ହେବେ। ଅନ୍ୟତମ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ବଡ଼ମଣିଷ ହେବା ସହ ଭଲ ମଣିଷ ହୋଇ ସମାଜ ହିତରେ ନିଜକୁ ସାମିଲ କଲେ ଜୀବନ ସଫଳ ହୋଇପାରିବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପୌରାଧ୍ୟକ୍ଷା ନିବେଦିତା ବେହେରା ବକ୍ତବ୍ୟ ରଖିଥିଲେ। କଲେଜ ଅଧ୍ୟକ୍ଷ ବିଷ୍ଣୁମୋହନ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଯୁକ୍ତ ୩ ଛାତ୍ରସଂସଦ ଉପଦେଷ୍ଟା ଅଧ୍ୟାପକ ଗିରିଶ ଚନ୍ଦ୍ର ପୋଥାଳ ବିବରଣୀ ପାଠ କରିଥିଲେ। ଯୁକ୍ତ ୨ ଛାତ୍ରସଂସଦ ଉପଦେଷ୍ଟା ଅଧ୍ୟାପକ ବିଜୟ କୁମାର ଅଗସ୍ତୀ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଅନ୍ୟତମ ଉପଦେଷ୍ଟା ଅଧ୍ୟାପକ ଅଶୋକ କୁମାର ମହାନ୍ତି ଓ ରାଜେନ୍ଦ୍ର ବେହେରା ବକ୍ତବ୍ୟ ରଖିଥିଲେ। କ୍ରୀଡ଼ାରେ ସଫଳତା ହାସଲ କରିଥିବା ଜୀବନ ମଲିକ୍, ଅର୍ଚ୍ଚନା ଗାହାଣ, ଇପ୍ସିତା ମହାଲିକଙ୍କ ସମେତ ଶ୍ରେଷ୍ଠ ଗ୍ରାଜୁଏଟ୍ ଭାବେ ଶୁଭଲକ୍ଷ୍ମୀ ପରିଡ଼ାଙ୍କୁ ପୁରସ୍କୃତ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ରାଜ୍ୟ ସମ୍ମିଳନୀରେ ଡାକ୍ତର ହରେକୃଷ୍ଣ ସମ୍ମାନିତ

ଭଦ୍ରକ,୧୧।୨(ରବିନାରାୟଣ ଖିଲାର)

କେନ୍ଦୁଝରଠାରେ ଭାରତୀୟ ଚିକିତ୍ସକ ସଂଘର ୭୪ତମ ରାଜ୍ୟ ସମ୍ମିଳନୀରେ ଆଇଏମ୍‌ଏର ଭଦ୍ରକ ଉପଦେଷ୍ଟା ଡାକ୍ତର ହରେକୃଷ୍ଣ ନାୟକଙ୍କୁ ତାଙ୍କର ଉତ୍ସର୍ଗୀକୃତ ସେବା ପାଇଁ 'ଡାକ୍ତର ରଞ୍ଜିତ ମହାନ୍ତି ସ୍ମୃତି ପୁରସ୍କାର'ରେ ସମ୍ମାନିତ କରାଯାଇଛି। ଉକ୍ତ ସମ୍ମିନଳୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ସେ ଏହି ସମ୍ମାନ ଗ୍ରହଣ କରିଥିଲେ। ଏଥିସହ ରାଜ୍ୟ ଚିକିତ୍ସକ ସଂଘ ଦ୍ୱାରା ପ୍ରକାଶିତ ସାଧାରଣ ଲୋକଙ୍କ ବହୁବିଧ ସ୍ୱାସ୍ଥ୍ୟ ସମସ୍ୟା ଓ ତାହାର ସମାଧାନକୁ ନେଇ ଅଭିଜ୍ଞ ଚିକିତ୍ସକମାନଙ୍କ ଲେଖା ସମ୍ବଳିତ ଉପାଦେୟ ସ୍ୱାସ୍ଥ୍ୟ ପତ୍ରିକା 'ସ୍ୱାସ୍ଥ୍ୟ ସୁରଭି' ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। ପୂର୍ବରୁ ଭାରତୀୟ ଚିକିତ୍ସକ ସଂଘ ପକ୍ଷରୁ ଜାତୀୟସ୍ତରରେ ଡା. ନାୟକ ଲାଇଫ୍‌ଟାଇମ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ସମ୍ମିଳନୀରେ ଆଇଏମ୍‌ଏର ରାଜ୍ୟ ସଭାପତି ଡା. ଶ୍ୟାମସୁନ୍ଦର ଖାଣ୍ଡେଲୱାଲ, ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ପ୍ରମୁଖ ବହୁ ବରିଷ୍ଠ ଚିକିତ୍ସକ ଉପସ୍ଥିତ ଥିଲେ।



କେନ୍ଦୁଝରଠାରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ମାନ ଗ୍ରହଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଡାକ୍ତର ହରେକୃଷ୍ଣ ନାୟକ।

## 'ଐତିହ୍ୟ, ଇତିହାସକୁ ମନେରଖିବାର ମାଧ୍ୟମ ମହୋତ୍ସବ'



ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ କଳାକାରମାନେ।

ଧାମନଗର,୧୧।୨ (ଦେବେନ୍ଦ୍ର ଆଡ଼ିଆ/ ସନ୍ତୋଷ କୁମାର ମହାପାତ୍ର)

### ଧାମନଗର ଶୀତ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ଧାମନଗର ହେଉଛି ଐତିହ୍ୟ ସମ୍ପନ୍ନ ମାଟି। ଐତିହ୍ୟ, ସଂସ୍କୃତି ଓ ଇତିହାସର ଗୌରବମୟ ମୁହୂର୍ତ୍ତକୁ ମନେ ରଖିବା ପାଇଁ ମହୋତ୍ସବ ମାଧ୍ୟମ ବୋଲି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ଶୀତ ମହୋତ୍ସବ ପରିଷଦ ଆନୁକୂଲ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହଯୋଗରେ ଜୟନଗର ପଡ଼ିଆରେ ଆୟୋଜିତ ଧାମନଗର ଶୀତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାକୁ ସୋମବାର ସନ୍ଧ୍ୟା ୭ଟାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ଉଦ୍‌ଘାଟନ କରିବା ଅବସରରେ ଏହି ମତବ୍ୟକ୍ତ କରିଛନ୍ତି। ଧାମନଗରର ଐତିହାସିକ ପର୍ଯ୍ୟଟନ ସ୍ଥଳ ଗୋହିରାଟିକିରିର ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୧୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିବା ନେଇ ଏହି ଅବସରରେ ମନ୍ତ୍ରୀ ଅବଗତ କରାଇଥିଲେ।

ଉଦ୍‌ଘାଟନୀ ମଞ୍ଚକୁ ପୂର୍ବତନ ବିଧାୟକ ସ୍ୱର୍ଗତ ମୁରଲୀଧର ଜେନାଙ୍କ ନାମରେ ନାମିତ କରାଯାଇଥିବା ବେଳେ ସୌମ୍ୟା ମହାପାତ୍ର ସଭା ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ସୂର୍ଯ୍ୟବଂଶୀ, ଅନ୍ୟତମ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଭାଗ୍ୟଲିପି ମଲ୍ଲ, ସିନେତାରକା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଗୀତିକାର ପଞ୍ଚାନନ ନାୟକ, ଏନ୍‌ଏସି ଚେୟାରମ୍ୟାନ ନିବେଦିତା ଜେନା ଓ ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ଚିତ୍ରଶିଳ୍ପୀ କ୍ରୀତିକିଷ୍ଟା ପଣ୍ଡାଙ୍କ ସମେତ ୧୦ଜଣ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ମହୋତ୍ସବ କମିଟିର ସମ୍ପାଦକ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୂର୍ବତନ ତହସିଲଦାର ଦୀପକ କୁମାର ଦାସ ଧନ୍ୟବାଦ ଦେଇଥିଲେ। ବିଡିଓ ବନବିହାରୀ ଦିଣ୍ଡା, ଅତିରିକ୍ତ ତହସିଲଦାର ସାଇ ଶିଲୋନା, ବରିଷ୍ଠ ଭାଜପା ନେତା ଅଶୋକ ପୁହାଣ, ମନୋରଞ୍ଜନ ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରତୁସ୍ରାବ ସ୍ୱାସ୍ଥ୍ୟସେବା ସଚେତନତା

ଭଦ୍ରକ,୧୧।୨(ସନାତନ ରାଉତ)

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନାର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଭଦ୍ରକ ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସୋମବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭଦ୍ରକ ହଳଦୀଡିହଠାରେ ଥିବା ନୁହାସ ସଖୀ କେନ୍ଦ୍ର(ଜାଗୃତି ଗୃହ) ପରିସରରେ ଅନ୍ତେବାସିନୀମାନଙ୍କୁ ନେଇ ରତୁସ୍ରାବ ସ୍ୱାସ୍ଥ୍ୟସେବା ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଅନ୍ତେବାସିନୀମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ରହିବା, ନିଜ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ପରାମର୍ଶ ଦେବା ସହ ସାନିଟାରୀ ନାପକିନ ବଣ୍ଟନ କରାଯାଇଥିଲା। ଚାଇଲ୍ଡ ଲାଇନର ସଂଯୋଜିକା ଶୁଭଶ୍ରୀ ପଢ଼ିଆରୀଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ଚାଇଲ୍ଡ ଲାଇନ ଟିମ୍‌ର କର୍ମକର୍ତ୍ତା ଚନ୍ଦ୍ରକାନ୍ତ ଗୋଛାୟତ, କାହ୍ନୁ ଚରଣ ମଲ୍ଲିକ, କେନ୍ଦ୍ର ସହାୟିକା ଲୋପାମୁଦ୍ରା ନାୟକ, ସଞ୍ଜୁକ୍ତା ମହାନ୍ତି, ଜୟସ୍ମିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମାନବ ସେବା କନ୍ୟାଶ୍ରମରେ ସମ୍ପାଦକ ଦଶରଥ ମହାକୁଡ଼ଙ୍କ ସଭାପତିତ୍ୱରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ସଚେତନତା କାର୍ଯ୍ୟକ୍ରମରେ ଜଣେ ଅନ୍ତେବାସିନୀଙ୍କୁ ନାପ୍‌କିନ୍ ଦିଆଯାଉଛି।

## ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ଭଦ୍ରକ,୧୧।୨(ସନାତନ ରାଉତ)

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବନ୍ତ ବ୍ଲକ କାର୍ଯ୍ୟାଳୟଠାରେ ଯୌନ ଉତ୍ପୀଡ଼ନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସଚିବ ନେହା ଅଗ୍ରୱାଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଏଲ୍‌ଏଡିସିଏସ୍ ତାପସ କୁମାର ମହାନ୍ତି, ସହକାରୀ ବିଡିଓ ନିଶିକାନ୍ତ ଖୁଣ୍ଟିଆଙ୍କ ସମେତ ବ୍ଲକର କର୍ମଚାରୀମାନେ ଏ ସମ୍ପର୍କିତ ଆଇନ ଓ ପଦକ୍ଷେପ ବିଷୟରେ ସଚେତନ ହୋଇଥିଲେ।

## ସେମିରେ ଆଦର୍ଶ କ୍ଲବ୍ ବାଲେଶ୍ୱର

### ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ

ଧାମନଗର,୧୧।୨(ଦେବେନ୍ଦ୍ର ଆଡ଼ିଆ)

ଧାମନଗର ବ୍ଲକର ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ହାଇସ୍କୁଲ ପଡ଼ିଆରେ ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିୟନ ସ୍ପୋର୍ଟିଂ କଟକକୁ ହରାଇ ଆଦର୍ଶ କ୍ଲବ ବାଲେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ୟୁନିୟନ ସ୍ପୋର୍ଟିଂ ୨୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୯ ରନ୍ କରିଥିଲା। ଦଳ ପକ୍ଷରୁ ଲୀଳାଧର ପ୍ରଧାନ ୫ଟି ଚୌକା ଓ ୨ଟି ଛକା ସାହାଯ୍ୟରେ ୪୦ ରନ୍, ଏସ୍. ମହାପାତ୍ର ୩୯ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ମୁକେଶ କୁମାର ୪ ଓଭର ୩ ଉଇକେଟ ଓ ଲୋସନାଥ ମୁର୍ମୁ ୩ ଓଭର ୩ ଉଇକେଟ ନେଇଥିଲେ। ଜବାବରେ ଆଦର୍ଶ କ୍ରିକେଟ କ୍ଲବ ବାଲେଶ୍ୱର ୧୭.୪ ଓଭରରେ ୪ ଉଇକେଟ ବିନିମୟରେ ୧୪୨ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅବିନାଶ କୁମାର ସର୍ବାଧିକ ୪ ଛକା ଓ ୧୧ ଚୌକା ସାହାଯ୍ୟରେ ୭୮ ରନ୍, ଅଙ୍କିତ ସୋଲକିଆ ୧ ଛକା ଓ ୧ ଚୌକା ସାହାଯ୍ୟରେ ୨୨ ରନ୍, ଖଗେଶ ମିଶ୍ର ୧୮ ରନ୍ କରିଥିଲେ। ବିପକ୍ଷ ଦଳର ବୋଲର ଶୁଭଙ୍କର ସିଂ ୫ ଓଭର ବୋଲିଂ କରି ୨୮ ରନ୍ ଦେଇ ୩ ଉଇକେଟ, ବିନାୟକ ସାହୁ ୨.୪ ଓଭର କରି ୧୪ ରନ୍ ଦେଇ ୧ ଉଇକେଟ ଅକ୍ତିଆର କରିଥିଲେ। ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ଜ୍ଞାନରଞ୍ଜନ ସ୍ୱାଇଁ ଅମ୍ପାୟର ଭାବେ ପରିଚାଳନା କରିଥିଲେ। ଜଗବନ୍ଧୁ ସାହୁ ଓ ବଳରାମ ସାହୁ ସ୍କୋରର ଥିବାବେଳେ ନୀହାର ରଞ୍ଜନ ବେହେରା ଅନ୍‌ଲାଇନ ସ୍କୋରର ଥିଲେ। ଜ୍ଞାନରଞ୍ଜନ ଘଡ଼େଇ ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଆଦର୍ଶ କ୍ଲବର ଅବିନାଶ କୁମାରଙ୍କୁ ପୁରସ୍କୃତ କରାଯାଇଥିଲା। ବୁଧବାର ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ ଓ ଆଦର୍ଶ କ୍ରିକେଟ କ୍ଲବ ବାଲେଶ୍ୱର ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ଶିଶୁ ଆଶ୍ରମରେ ଚାରାରୋପଣ

ଭଦ୍ରକ,୧୧।୨(ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନାର ୧୦ବର୍ଷ ପୂର୍ତ୍ତି ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଗରଦପୁର ଓ ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର, ଚାନ୍ଦିଆପଦା ଲାଙ୍ଗୁଡ଼ି ପରିସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା। 'ଗୋଟିଏ ବୃକ୍ଷ ଗୋଟିଏ ଶିଶୁ' ଶୀର୍ଷକ ଆଲୋଚନା ପରେ ଚାରାରୋପଣ କରାଯାଇଥିଲା। ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ପରାମର୍ଶଦାତ୍ରୀ ସସ୍ମିତା ନାୟକ, ଝରଣା ବିଶ୍ୱାଳ, ସୌମ୍ୟ ରଞ୍ଜନ ଦାସ, ପ୍ରଜ୍ଞା ଦାସ, ତଥାଗତ ଜେନାଙ୍କ ସହ ଅନ୍ତେବାସୀ ଯୋଗ ଦେଇଥିଲେ।

## ଯାଜପୁର ନାଥସାହି ଚାମ୍ପିୟନ

### ଜଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

ଭଣ୍ଡାରିପୋଖରୀ,୧୧।୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ମାଳଦା ପଞ୍ଚାୟତ ଜଳହରି ସ୍କୁଲ ପଡ଼ିଆରେ ଚାଲିଥିବା ଜଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଅପରାହ୍ନ ୪ଟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବଳିଘାଇ ଟିମ୍‌କୁ ହରାଇ ଯାଜପୁର ନାଥସାହି ଚାମ୍ପିୟନ ହୋଇଛି। ପ୍ରଥମେ ନାଥସାହି ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୨୧୧ ରନ୍ କରିଥିଲା। ବଳିଘାଇ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ୍ କରିଥିଲା। ଅମ୍ପାୟର ଭାବେ ଅଜୟ ମହାରଣା ଓ ପ୍ରିୟବ୍ରତ ପଲାଇ ପରିଚାଳନା କରିଥିଲେ। ସ୍କୋରର ଭାବେ ଶୁଭମ୍ ସେଠୀ ଓ ଅମର ପଲେଇ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଜିତେନ୍ଦ୍ର ଶତପଥୀ ଧାରା ବିବରଣୀ ପ୍ରଦାନ କରିଥିଲେ।

ଦୁର୍ଯ୍ୟୋଧନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କାଳନ୍ଦୀ ପରିଡ଼ା ଏବଂ ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ପବିତ୍ର ପାଣିଗ୍ରାହୀ, ମନୋରଞ୍ଜନ ସେଠୀ, ମଞ୍ଚ କଳାକାର ଅମିୟ ମହାରଣା, ସୁରେନ୍ଦ୍ର ଖୁଣ୍ଟିଆ, ପ୍ରଦୀପ ପଲେଇ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

## ଅସୁରାଳି ଟିମ୍ ସେମିଫାଇନାଲରେ

ଧୁଷୁରୀ,୧୧।୨,(ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତର କୁଳେଇପଦା ଖେଳପଡ଼ିଆରେ କେ.କେ.ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ସୁରେନ୍ଦ୍ର ନାଥ ବିଶ୍ୱାଳ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅଭିମନ୍ୟୁ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ରୀଡ଼ା ସଭାରେ ବିଡିଓ ସଞ୍ଜୀବ କୁମାର ମହାପାତ୍ର, ଧୁଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ କୁମାର ଦାସ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ ଓ ସିଆର୍‌ସିସି ଦିଲୀପ ଶେଖର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ସିଙ୍ଗିପୁର କ୍ରିକେଟ ଟିମ୍ ଓ ଦେଉଳଡିହି କ୍ରିକେଟ ଟିମ୍ ମଧ୍ୟରେ ପ୍ରଥମ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଙ୍ଗିପୁର ବିଜୟୀ ହୋଇଥିଲା। ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଅସୁରାଳି ଟିମ୍ ବିଷ୍ଣୁପୁର ଟିମ୍‌କୁ ହରାଇ କ୍ୱାର୍ଟର ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। କ୍ୱାର୍ଟର ଫାଇନାଲରେ ସିଙ୍ଗିପୁରକୁ ହରାଇ ଅସୁରାଳି ଟିମ୍ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। କ୍ରିକେଟର ସୁକୁମାର ବିଶ୍ୱାଳ ଓ ସଞ୍ଜୟ କୁମାର ବାରିକ କ୍ରୀଡ଼ା ପରିଚାଳନା କରିଥିଲେ। ଅଭିଷେକ ବିଶ୍ୱାଳ ଓ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚ୍ ପ୍ରାରମ୍ଭରେ ଅତିଥିଙ୍କ ସହ ଖେଳାଳିମାନେ।

## ଅଖଣ୍ଡ ଲୋକସେବା ସମିତି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

କେନ୍ଦୁଝର,୧୧।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଝୁମ୍ପୁରାଠାରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଖଣ୍ଡ ଲୋକସେବା ସମିତିର ସଦସ୍ୟମାନେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଛନ୍ତି। ଜାମୁପଦା ସାହିକୁ କୁଟୁଗାଁ ଓ ସାନଯୋଡ଼ା ସହ ଯୋଡ଼ିବା ପାଇଁ ରାସ୍ତା ନିର୍ମାଣ, ସାହିରେ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା, କୁଟୁଗାଁ ନିକଟରେ ଥିବା ଡ୍ୟାମ୍‌ର ବିକାଶ ସହ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା, ଟିପିଣ୍ଡା ପୂର୍ତ୍ତ ବିଭାଗ ରାସ୍ତାଠାରୁ ସାନଯୋଡ଼ା ଦେଇ ଚମ୍ପାଦିହି ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ଉପୁଜିଥିବା ସମସ୍ୟାର ସମାଧାନ କରି ତୁରନ୍ତ ରାସ୍ତାକାମ ପୁନର୍ବାର ଆରମ୍ଭ, ସତିଘାଟ ନିକଟସ୍ଥ ବୈତରଣୀ ନଦୀ କୂଳରେ ଶବଦାହ ଗୃହ, ବିଶ୍ରାମାଗାର ନିର୍ମାଣ ଆଦି ଦାବି କରାଯାଇଛି। ଏନେଇ ସମିତି ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସମିତିର ସଭାପତି ପ୍ରମୋଦ ବାରିକ, ଜଳଧର ପଲେଇ, ଶରତ ଚନ୍ଦ୍ର ଲୋହାର, ହଳଧର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିବା ଜଣାଯାଇଛି।

# ବିଶ୍ୱ ପରିବର୍ତ୍ତନର ବାହକ ହୁଅନ୍ତୁ ଛାତ୍ରସମାଜ: ଉଚ୍ଚଶିକ୍ଷା ମନ୍ତ୍ରୀ

### ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ଥାପନ ଦିବସ

କେନ୍ଦୁଝର,୧୧।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ସୃଜନଶୀଳତାର ବିକାଶ ସହ ବିଶ୍ୱ ପରିବର୍ତ୍ତନର ବାହକ ହୁଅନ୍ତୁ ଛାତ୍ରସମାଜ। ଏହାସହ ନିଜ ଭିତରେ ଥିବା ଭିନ୍ନତା ସ୍ୱତନ୍ତ୍ରତା ଆଣିଦେଉ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର ନର୍ଥ କ୍ୟାମ୍ପସଠାରେ ଅନୁଷ୍ଠିତ ଦ୍ୱିତୀୟ ସ୍ଥାପନ ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ଯୋଗଦେଇ ଏହା କହିବା ସହ ଏହି ବିଶ୍ୱବିଦ୍ୟାଳର ଏକ ଗୌରବମୟ ଇତିହାସ ରହିଛି ବୋଲି ପ୍ରକାଶ କରିଥିଲେ। ସୃଜନାତ୍ମକ ବିକାଶ ସହ ଆଚରଣ ଓ ଉଚ୍ଚାରଣରେ ନିଜକୁ ସଂସ୍କାର ନାଗରିକ ଭାବେ ତିଆରି କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଛନ୍ତି। ଅଭାବ, ଅସୁବିଧା ଓ ପ୍ରତିକୂଳ ପରିସ୍ଥିତି ଆଗକୁ ଯିବାକୁ ପ୍ରେରଣା ଯୋଗାଏ। ସମସ୍ତ ପ୍ରସ୍ତୁତି ପାଇଁ ଛାତ୍ରୀଛାତ୍ର ଓ ଗୁରୁଙ୍କ ମିଳିତ ଉଦ୍ୟମ ଆବଶ୍ୟକ। ଆସନ୍ତା ବିଧାନସଭାରେ ଉପସ୍ଥାପିତ ବିଶ୍ୱବିଦ୍ୟାଳୟର ଅନୁମୋଦିତ ସମ୍ପର୍କିତ ବିଜ୍ଞପ୍ତିକୁ ପାସ୍ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ମୁଖ୍ୟବକ୍ତା ଭାବେ ଆଇଏମ୍‌ଏମ୍‌ଟି, ସିଏସ୍‌ଆଇଆର୍‌ର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆଇପିଏସ୍ ତଥା ଓଡ଼ିଶା ଲୋକସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି ଯୋଗଦେଇ ଏହି ବିଶ୍ୱବିଦ୍ୟାଳୟର ସଫଳତା ସମସ୍ତଙ୍କ ଉପରେ ନିର୍ଭର କରେ ବୋଲି ମତବ୍ୟକ୍ତ କରିଥିଲେ।

ବିଶ୍ୱବିଦ୍ୟାଳୟର କୁଳପତି ତଥା ସ୍ୱତନ୍ତ୍ର ଅଧିକାରୀ ପ୍ରଫେସର ଡ. ପ୍ରତାପ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଶ୍ୱବିଦ୍ୟାଳୟର ଦୁଇଟି କ୍ୟାମ୍ପସ ରହିଥିବା ବେଳେ ପୁରୁଣାସହର ସୁଲେଇଖମାର କ୍ୟାମ୍ପସକୁ ସାଉଥ୍ କ୍ୟାମ୍ପସ ଓ ମୂଳ କଲେଜ କ୍ୟାମ୍ପସକୁ ନର୍ଥ କ୍ୟାମ୍ପସ ଭାବେ ନାମିତ କରାଯାଇଥିବା କୁଳପତି ପ୍ରକାଶ କରିଥିଲେ। ମନ୍ତ୍ରୀଙ୍କ ଆଗରେ ବିଭିନ୍ନ ସମସ୍ୟା ଉପସ୍ଥାପନ କରି ସମାଧାନ ପାଇଁ ସେ ନିବେଦନ କରିଥିଲେ। ପିଜି କାଉନସିଲ୍‌ର ଅଧ୍ୟକ୍ଷ ପ୍ରଭୁକଲ୍ୟାଣ ଦାସ ସ୍ୱାଗତ ଭାଷଣ ଓ କୁଳସଚିବ ଦୁଃଖବନ୍ଧୁ ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ତଥା ପୂର୍ବତନ ଆଇପିଏସ୍ ଅଧିକାରୀ ସତ୍ୟଜିତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ସଙ୍ଗୀତ ଗାନ କରାଯିବା ସହ ବିଶ୍ୱବିଦ୍ୟାଳୟର ପ୍ରଗତିକୁ ନେଇ ଏକ ପୁସ୍ତିକା ଓ ସହକାରୀ ପ୍ରଫେସର ସୁମନ୍ତ ନାୟକଙ୍କ ରଚିତ ଗଳ୍ପ ସଂକଳନ ଉନ୍ମୋଚିତ ହୋଇଥିଲା। ଡିଏଫ୍‌ଓ ଏଚ୍.ଡି. ଧନରାଜ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ବରିଷ୍ଠ ନାଗରିକ, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସମାରୋହକୁ ଓଡ଼ିଆ ବିଭାଗର ମୁଖ୍ୟ ଡ. ସୁଧା ଦାଶ ସଞ୍ଚାଳନ କରିଥିଲେ।


ସମାରୋହରେ ଅବସରପ୍ରାପ୍ତ ଆଇପିଏସ୍ ସତ୍ୟଜିତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ହାଟଡିହିରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସ୍ୱାଗତ


ମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି।

ବଉଳା,୧୧।୨(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀ ହାଟଡିହି ବ୍ଲକର ଭାଜପା କର୍ମକର୍ତ୍ତାମାନେ ପୂର୍ବାହ୍ନ ୧୦ଟାରେ କ୍ରୀଡ଼ା, ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଛନ୍ତି। ମନ୍ତ୍ରୀ ସୂର୍ଯ୍ୟବଂଶୀ କେନ୍ଦୁଝର ଗ୍ରସ୍ତ ସମୟରେ ହାଟଡିହି ଭାଜପା କାର୍ଯ୍ୟାଳୟରେ ରହି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ବରିଷ୍ଠ ଭାଜପା ନେତା ଆଲୋକ ସେଠୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିବାବେଳେ ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ହରମୋହନ ଶାସିନୀ, ଯୁଧିଷ୍ଠିର ମଲ୍ଲିକ, ସୁଶାନ୍ତ ଜେନା, ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ତୃପ୍ତିମୟୀ ଜେନା, ମିନତୀ ଧଳ, ସୋନାଲି ମହାନ୍ତି, ଚିନ୍ମୟୀ ଖୁଣ୍ଟିଆ, ଟିକି କିସ୍କୁଙ୍କ ସମେତ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ହାଟଡିହି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ପରିଡ଼ା ବ୍ଲକ କାର୍ଯ୍ୟାଳୟର ମୁଖ୍ୟ ଫାଟକ ରାସ୍ତା ପାର୍ଶ୍ୱରେ ରହି ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ସେହିପରି ହାଟଡିହି ମହାବିଦ୍ୟାଳୟ ପକ୍ଷରୁ ମଧ ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଯାଇଥିଲା।

# ଉଚ୍ଛେଦ ହେଲା ଜବରଦଖଲ

### ମେଡିକାଲ-ବଳଦେବଜୀଉ ମନ୍ଦିର ରାସ୍ତା

କେନ୍ଦୁଝର, ୧୧।୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟଠାରୁ ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଡିସେମ୍ବର ୧୦ ତାରିଖରେ ଚିହ୍ନଟ କରାଯାଇ ନୋଟିସ ଦିଆଯାଇଥିଲା। ୭ ଦିନ ମଧ୍ୟରେ ଜବରଦଖଲକାରୀ ନିଜେ ନ ଭାଙ୍ଗିଲେ ପୌରପାଳିକା ପକ୍ଷରୁ ଭାଙ୍ଗି ଦିଆଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। ମଙ୍ଗଳବାରଠାରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟ ୩ ଦିନ ପର୍ଯ୍ୟନ୍ତ କରାଯିବ ବୋଲି ଜଣାପଡ଼ିଛି। କେନ୍ଦୁଝରଗଡ ପୌରପାଳିକା, ସଦର ତହସିଲ, ପୂର୍ତ୍ତ ବିଭାଗ ଏବଂ ଟାଉନ ଥାନା ପୋଲିସ ଉପସ୍ଥିତିରେ ଏହି ଉଚ୍ଛେଦ କାର୍ଯ୍ୟ ଚାଲିଛି। ଅନେକ ସ୍ଥାନରେ ଲୋକେ ନିଜେ ଭାଙ୍ଗି ଦେଉଥିବାବେଳେ କେତେକ ସ୍ଥାନରେ ଜେସିବି ମେଶିନରେ ଭଙ୍ଗା ଚାଲିଛି। ଏହି ରାସ୍ତାକୁ ଲାଗି ଘର,ବ୍ୟବସାୟିକ ସଂସ୍ଥା ହୋଇଥିବାରୁ ରାସ୍ତା ସଙ୍କୁଚିତ ହୋଇ ଯିବା ଆସିବା କ୍ଷେତ୍ରରେ ବାଧା ସୃଷ୍ଟି କରୁଛି। ହସ୍ପିଟାଲ ରାସ୍ତାରେ ସରକାରୀ ଜମି ଜବରଦଖଲ ସହ ବେଆଇନ ପାର୍କିଂ ଯୋଗୁ ପ୍ରତିଦିନ ଆମ୍ବୁଲାନ୍ସ ହସ୍ପିଟାଲକୁ ଆସିବାରେ ସମସ୍ୟା ହେଉଛି। ଜବରଦଖଲ ଯୋଗୁ ରାସ୍ତା ପ୍ରଶସ୍ତୀକରଣ ହୋଇପାରୁନାହିଁ। ବାରମ୍ବାର ଅଭିଯୋଗ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜବରଦଖଲ ଉଚ୍ଛେଦ କରାଯାଉଛି। ଜବରଦଖଲ ଉଚ୍ଛେଦ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ବାଂଶପାଳ ଅତିରିକ୍ତ ତହସିଲଦାର ବୈରାଗୀ ନାୟକ ଥିବାବେଳେ ସଦର ତହସିଲଦାର ଶୁଭେନ୍ଦୁ କୁମାର ସାହୁ, ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକଙ୍କ ସମେତ ସଦର ତହସିଲ ଏବଂ ପୌରପାଳିକାର ରାଜସ୍ୱ ନୀରିକ୍ଷକ,ଅମିନ ଉପସ୍ଥିତ ଅଛନ୍ତି। ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ୨ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହୋଇଛନ୍ତି । ଏହି ରାସ୍ତାରେ ମୋଟ ୭୭ ଜଣଙ୍କୁ ଗତ ମାସ ୧୧ ତାରିଖରେ ନୋଟିସ ଦିଆଯାଇଥିଲା। ଏଥିପୂର୍ବରୁ ଲାବଣ୍ୟଛକଠାରୁ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ପର୍ଯ୍ୟନ୍ତ ମାପଚୁପ ହୋଇ ଚିହ୍ନଟ ହୋଇଥିଲେ ହେଁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।


ପୌରପାଳିକା ଅଞ୍ଚଳରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଉଛି।

## ମହାବିଦ୍ୟାଳୟରେ ପୁରସ୍କାର ବିତରଣ ସମାରୋହ

ପାଟଣା,୧୧।୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ପୁରସ୍କାର ବିତରଣ ସମାରୋହ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଲେଜର ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ ଏବଂ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଯୁଧିଷ୍ଠିର ମହାନ୍ତ, ଅଧ୍ୟାପକ ଜଗନ୍ନାଥ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ କ୍ୟାପ୍ଟେନ ଧର୍ମେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଅଶ୍ୱିନୀ କୁମାର ସାହୁ ସଂଯୋଜନା କରିଥିଲେ। ଯୁକ୍ତ ୩ର ଶ୍ରେଷ୍ଠ ଛାତ୍ରୀ ଭାବେ ଲିପ୍ସାରାଣୀ ମହାନ୍ତ ଓ ଯୁକ୍ତ ୨ର ଶ୍ରେଷ୍ଠ ଛାତ୍ରୀ ଭାମାମଣି ମହାନ୍ତଙ୍କୁ ଦୀପ୍ତି ମେମୋରିଆଲ ପୁରସ୍କାର, ଯୁକ୍ତ ୩ର ଶ୍ରେଷ୍ଠ ଛାତ୍ର ଶୁଭ ପ୍ରକାଶ ମହାନ୍ତଙ୍କୁ ଅନିରୁଦ୍ଧ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଶାନ୍ତିଲତା ମହାନ୍ତ ଓ ଶ୍ରେଷ୍ଠ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଯୁକ୍ତ ୨ର ଶାନ୍ତିଲତା ବେହେରା ଓ ଯୁକ୍ତ ୩ର ଦେବବ୍ରତ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅନ୍ୟ କୃତୀ ପ୍ରତିଯୋଗୀ ମଧ୍ୟ ପୁରସ୍କୃତ ହୋଇଥିଲେ। କରାଯାଇଥିଲା।



ସମାରୋହରେ ଉପସ୍ଥିତ ଅତିଥିମାନେ।

## ମୟୂରଭଞ୍ଜ

## ୨୨ କେଜି ଗଞ୍ଜେଇ ଜବତ

ବାରିପଦା,୧୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ଚଢାଉ କରି ୨୨କେଜି ଗଞ୍ଜେଇ ଜବତ କରିବା ସହ ଜଣକୁ ଅଟକ ରଖିଛି । ଗଞ୍ଜେଇ ଚାଲାଣ ହେଉଥିବା ସ୍କର୍ପିଓ ଗାଡ଼ିକୁ ଜବତ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ବାରିପଦା-ଉଦଳା ରାସ୍ତା ନୁଗୁଡିହୀ ଛକ ନିକଟ ଅନତୀ ଦୂରରେ ଏକ ସ୍କର୍ପିଓ ଗାଡି ଅଟକି ରହିଥିଲା। ଗାଡ଼ିରେ ଦୁଇ ବୁରା ଗଞ୍ଜେଇ ରହିଥିବା ନେଇ ପୋଲିସ ଜାଣିବା ପରେ ତଲାସୀ ଆରମ୍ଭ କରି ୨୨କେଜି ଗଞ୍ଜେଇ ଜବତ କରିଥିଲା। ଯାହାର ବଜାର ମୂଲ୍ୟ ଆନୁମାନିକ ୨ ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତି ଅଛନ୍ତି ତାହାକୁ ନେଇ ପୋଲିସ ଖୋଳତାଡ ଆରମ୍ଭ କରିଛି। ଅଟକ ଯୁବକ ବେତନଟୀ ଥାନା କେସିପୁର ଅଞ୍ଚଳର ବୋଲି ପୋଲିସ କହିଛି।

# ସରିଲା ମୟୂରଭଞ୍ଜ ଜିଲା ସ୍କାଉଟ୍ସ, ଗାଇଡ୍ସ କ୍ୟାମ୍ପୋରି

ବାରିପଦା,୧୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୩ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରୀ-୨୫ ମଙ୍ଗଳବାର ଅପରାହ୍ନ ୪ଟାରେ ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶିଧର ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡା ଯୋଗଦେଇ ସ୍କାଉଟ୍ସ ଓ ଗାଇଡ୍ସମାନେ ସୁନାଗରିକ ରୂପେ ନିଜକୁ ଗଢ଼ିତୋଳି ଆଗାମୀ ଦିନରେ ଦେଶ ପାଇଁ କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ । ଜିଲା ସମ୍ପାଦକ ଭାଗିରଥି ମଲ୍ଲିକ ଶିବିରର ବିବରଣୀ ଓ ନିୟମାବଳୀ ପଠନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସଂଗଠନ କମିଶନର (ସ୍କାଉଟ୍ସ ) ବିଜୟ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଶୋଭାକର ଆଚାର୍ଯ୍ୟ, ଶୁଳିଆପଦା ବ୍ଲକ ଶିକ୍ଷା ଅଧିକାରୀ ମାଳତୀ ଟୁଡୁ, ପୂର୍ବତନ ଜିଲା ପ୍ରଶିକ୍ଷକ କମିଶନର (ସ୍କାଉଟ୍ସ) ଶରତ ଚନ୍ଦ୍ର ମହାନ୍ତ, ମଞ୍ଜୁଲି ଦେ, ସୁଲୋଚନା ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ଜିଲା ତାଲିମ ପ୍ରଶିକ୍ଷକ ରମେଶ ଚନ୍ଦ୍ର ବିଶୋଇ, ଜିଲା ତାଲିମ ପ୍ରଶିକ୍ଷକ ଅହଲ୍ୟା ସାହୁ, ଜିଲା ସ୍କାଉଟ୍ସ ରିପ୍ରେଜେଣ୍ଟିଭ ଚିତ୍ତରଞ୍ଜନ ପଳତା, ଜିଲା ଗାଇଡ୍ସ ରିପ୍ରେଜେଣ୍ଟିଭ ବାସନ୍ତୀ ମହାନ୍ତ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସପନ କୁମାର ଦାଶ ଓ ସଞ୍ଜୀବ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର ନାଥ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଭାରତ ସ୍କାଉଟ୍ସ ଓ ଗାଇଡ୍ସର ସର୍ବୋଚ୍ଚ ତାଲିମ ଶିବିର ଲିଡର ଟ୍ରେନର ଜିଲା ସଂଗଠନ କମିଶନର ଗାଇଡ଼ର ସୁଲୋଚନା ମଙ୍ଗରାଜ କୃତକାର୍ଯ୍ୟ ହୋଇଥିବାରୁ ସ୍ୱତନ୍ତ୍ରଭାବେ ତାଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ୩ ଦିନ ଧରି ଚାଲିଥିବା ଶିବିରରେ ସ୍କାଉଟ୍ସ ଓ ଗାଇଡ୍ସମାନଙ୍କର ପ୍ୟାରେଡ, ଲ୍ୟାସିଂ, ନୋଟିଂ, ଚିତ୍ରାଙ୍କନ, ଦେଶାତ୍ମବୋଧ ସଂଗୀତ ଓ ନୃତ୍ୟ, ବେଶ ପୋଷାକ ଧାରଣ, ରଙ୍ଗୋଲି, ବକ୍ତୃତା, ଖାଦ୍ୟ ପ୍ରସ୍ତୁତି, ଗ୍ରାମ୍ୟ ମେଳା, ମୁଖା, ପରମ୍ପରା ପ୍ରଦର୍ଶନୀ, ଟେଣ୍ଟ ତିଆରି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶୁଳିଆପଦା ଉଚ୍ଚ ବିଦ୍ୟାଳୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ସହଯୋଗ କରିଥିଲେ ।

## ସ୍ତ୍ରୀ ହତ୍ୟାକାରୀଙ୍କୁ ୧୦ ବର୍ଷ ଜେଲ

ବାରିପଦା,୧୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଦୌରା ଜଜ୍ ସ୍ପେଶାଲ କୋର୍ଟରେ ଏକ ନରହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପୂର୍ଣ୍ଣିମା ଜେନା ଏହାର ବିଚାର କରି ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ମୋରଡ଼ା ଥାନା ଅଧୀନ ଚିକିଟିମାଟିଆ ଗ୍ରାମର ବିଦ୍ୟାଧର ନାଏକ (୭୦)।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ମେ ୨୪ ତାରିଖ ସନ୍ଧ୍ୟା ୭ଟା ସମୟରେ କୌଣସି କାରଣକୁ ନେଇ ବିଦ୍ୟାଧର ଓ ତାଙ୍କ ସ୍ତ୍ରୀ ପ୍ରଶନୀଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବିଦ୍ୟାଧର ଏକ ଠେଙ୍ଗାରେ ପ୍ରଶନୀଙ୍କୁ ପିଟି ପିଟି ରକ୍ତାକ୍ତ କରିଦେଇଥିଲେ। ତାଙ୍କ ପୁଅ ବୋହୂ ଓ ନାତୁଣୀ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଘଟଣାସ୍ଥଳରେ ପ୍ରଶନୀଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପୁଅ ବୀରେନ ନାଏକଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୧୨୫/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ ।

## ଚୁଲିଲା ଆଇନ ସଚେତନତା ରଥ



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ରାଇରଙ୍ଗପୁର,୧୧।୨(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ପ୍ରଶାସନ ଏବଂ ଶ୍ରମ ବିଭାଗର ମିଳିତ ସହଯୋଗରେ ଶ୍ରମିକ ଆଇନ ସଚେତନତା ରଥ ପରିକ୍ରମା କରିଛି। ଉପଜିଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ ସବୁଜ ପତକା ଦେଖାଇ ଏହି ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଏହି ରଥ ରାଇରଙ୍ଗପୁର ସବ୍‌ଡିଭିଜନର ବିଭିନ୍ନ ଗ୍ରାମ କରି ଶ୍ରମିକ ଏବଂ ପ୍ରବାସୀ ଶ୍ରମିକ ଏବଂ ଶିଶୁ ଶ୍ରମିକ ମାନଙ୍କ ସର୍ବନିମ୍ନ ମଜୁରୀ ଏବଂ ଅଣ ସଂଗଠିତ ଶ୍ରମିକ କଲ୍ୟାଣ ପାଣ୍ଠି ସମ୍ପର୍କରେ ସଚେତନ କରାଇବ ବୋଲି ଜିଲା ଶ୍ରମ ଅଧିକାରୀ ଚନ୍ଦନ ମାଝୀ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଶ୍ରମ ବିଭାଗୀୟ ବିଭିନ୍ନ ପଦାଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

# ପାଣି ପାଇଁ ରାସ୍ତା ଅବରୋଧ

ବାରିପଦା,୧୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ମ୍ୟୁନିସିପାଲିଟି ଅଞ୍ଚଳରେ ପାନୀୟ ଜଳ ସଙ୍କଟକୁ ନେଇ ଅଞ୍ଚଳବାସୀ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ରାସ୍ତା ଅବରୋଧ କରିଥିଲେ। ପାଣି ପମ୍ପ ନିଷ୍କାସନ ଚାବି ନଷ୍ଟ କାରଣରୁ ଦୀର୍ଘ ୮ଦିନ ଧରି ପାନୀୟ ଜଳ ଯୋଗାଣ ଠପ୍ ହୋଇପଡ଼ିଥିଲା। ଯାହାକୁ ନେଇ ଉତ୍ତ୍ୟକ୍ତ ଲୋକେ ୨ ଘଣ୍ଟାରୁ ଉର୍ଦ୍ଧ୍ୱ ବାରିପଦା-ଜଳେଶ୍ୱର ରାଜପଥ ଉପରେ ଗରାବାଲ୍‌ଟି ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, ୨୫ ନଂ. ୱାର୍ଡ ଦେବେନ୍ଦ୍ରପୁର ଅଞ୍ଚଳରେ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ୨୫ବର୍ଷ ପୂର୍ବେ ପିଏଚ୍‌ଡି ପକ୍ଷରୁ ଗୋଟିଏ ମାତ୍ର ପାଣିପମ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଣ ହୋଇଆସୁଛି। ଏହି ପମ୍ପ ଜରିଆରେ ୧୫୦ରୁ ୨୦୦ ପରିବାର ଲୋକେ ଉପକୃତ ହେଉଥିବା ବେଳେ ବର୍ତ୍ତମାନ ୮୦୦ ପରିବାରକୁ ଜଳ ଯୋଗାଣ ସମ୍ଭବ ହୋଇପାରୁ ନ ଥିବାରୁ ଅଞ୍ଚଳବାସୀ ଜଳ ସଙ୍କଟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଜଳସ୍ତର ହ୍ରାସ ପାଇବାରୁ ନଳକୂଅ ଗୁଡ଼ିକରୁ ପର୍ଯ୍ୟାପ୍ତ ପରିମାଣର ପାଣି ବାହାରୁନାହିଁ । ତେବେ ୮ଦିନ ଧରି ପମ୍ପ ହାଉସର ଚାବି ନଷ୍ଟ ହେବା କାରଣରୁ ସପ୍ତାହ ବ୍ୟାପି ପାନୀୟ ଜଳ ଯୋଗାଣ ବନ୍ଦ ପଡିଛି ବୋଲି ଅଞ୍ଚଳର ସୁମିତା ଟୁଡୁ, ଶିବାନୀ ବାସ୍କେ ଓ ସୁଭଦ୍ରା ହାଁସଦା କହିଛନ୍ତି। ଫଳରେ ହଜାର ହଜାର ଲୋକ ପାଇପ ଯୋଗେ ଜଳ ଯୋଗାଣରୁ ବଞ୍ଚିତ ରହିଥିବାରୁ ଅସନ୍ତୋଷ ତୀବ୍ର ରୂପ ଧାରଣ କରିଥିଲା। ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ ମଧ କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ମହିଳା ପୁରୁଷ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଜିଲା ତଥା ବାରିପଦାରେ ଏପରି ସମସ୍ୟା ଦେଖିବାକୁ ମିଳିଛି। ଦେବେନ୍ଦ୍ରପୁର ଅଞ୍ଚଳରେ ନୂତନ ଭାବେ ଏକ ପମ୍ପ ହାଉସ ନିର୍ମାଣ କରାଗଲେ ଅଞ୍ଚଳବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ ବୋଲି ୱାର୍ଡ କାଉନସିଲର ଦେବାଶିଷ ପାତ୍ର ଦାବି କରିଛନ୍ତି। ତେବେ ଏହାକୁ ନେଇ ଖୁବଶୀଘ୍ର ଏକ ନୂତନ ଯୋଜନା କରାଯିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଅଞ୍ଚଳବାସୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପାନୀୟ ଜଳର ସୁବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଅଞ୍ଚଳର ଆକାଶ ମହାନ୍ତ, ନିରଞ୍ଜନ ହାଁସଦା ଓ ବାବଲି ସୋରେନ ପ୍ରମୁଖ କଡ଼ା ଚେତାବନୀ ଦେଇଛନ୍ତି।


ରାସ୍ତାରୋକୋ ଯୋଗୁ ଗାଡ଼ିମୋଟର ଅଟକି ରହିଛି।

## ସଂକ୍ଷେପରେ

### ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଅଷ୍ଟପ୍ରହର ନାମଯଜ୍ଞ

ନୀଳଗିରି, ୧୧।୨(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ଏନଏସି ଅଧୀନ ସିମୁଳିଆ ଗ୍ରାମରେ ମହାଆଡ଼ମ୍ବରରେ ମହାପ୍ରଭୁ ଶ୍ରୀଚୈତନ୍ୟ ଦେବଙ୍କ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ୧୦୮ ମହିଳା କଳସ ଯାତ୍ରାରେ ବାହାରିଥିଲେ। ପୋଖରୀ ତୁଠରେ ବ୍ରାହ୍ମଣ ପୂଜାର୍ଚ୍ଚନା କଲା ପରେ ପୂର୍ଣ୍ଣ କଳସ ଧରି ମହିଳାମାନେ ପୀଠ ସ୍ଥଳକୁ ଆସିଲା ପରେ ବ୍ରାହ୍ମଣ ସମସ୍ତଙ୍କୁ ସଂକଳ୍ପ କରିଥିଲେ। ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ହରିନାମ ଶବ୍ଦରେ ପ୍ରକମ୍ପିତ ହୋଇପଡ଼ିଥିଲା। ପରେ ଶ୍ରୀଶ୍ରୀ ମହାପ୍ରଭୁଙ୍କ ଅଷ୍ଟପ୍ରହରୀ, ନାମଯଜ୍ଞ ଆରମ୍ଭ ହୋଇଥିଲା। ମୁଖ୍ୟ ଘଟକ ଭାବେ ଭଗବାନ ମହଲ ସାମିଲ ହୋଇଥିଲେ। ଦୁଇ ଦିନ ଧରି ପ୍ରସାଦସେବନ ଆୟୋଜନ କରାଯାଇଥିବା ବେଳେ ଶହ ଶହ ଭକ୍ତ ପ୍ରସାଦସେବନ କରିଥିଲେ। ୨୪ଘଣ୍ଟା ଧରି ଅହରହ ମହାପ୍ରଭୁଙ୍କ ନାମ କୀର୍ତ୍ତନ କରାଯାଇଥିଲା। ଗ୍ରାମର ଗୌରହରି ମହଲ, ରବୀନ୍ଦ୍ର ମହଲ, ହରିହର ବେହେରା, ପ୍ରଫୁଲ୍ଲ ଦଳାଇ, ସୁଦର୍ଶନ ମହାନ୍ତି, ସୁଦର୍ଶନ ଦଳାଇ, ବିଷ୍ଣୁ ମହଲ, କରୁଣାକର ବେହେରା, ଦୀପକ ଗୋଛାୟତ, ଅନନ୍ତ ମହଲ, ରାମଚନ୍ଦ୍ର ମହଲ, ବ୍ରହ୍ମାନନ୍ଦ ମହଲ, ସତ୍ୟନାରାୟଣ ଦଳାଇ, ଭଗବାନ ମହଲ ଓ କମଳାକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ଲିଫ୍ଟ ଦେବାକୁ କହି ବୃଦ୍ଧାଙ୍କୁ ବଳାତ୍କାର ଅଭିଯୋଗ

ଜଳେଶ୍ୱର, ୧୧।୨(ନବୀନ ସାହୁ) ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଦେଖିବାକୁ ମିଳିଛି। ଲିଫ୍ଟ ଦେବା ବାହାନାରେ ଏକ ଜଙ୍ଗଲରେ ବୃଦ୍ଧାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ମୁମୂର୍ଷୁ ଅବସ୍ଥାରେ ସ୍ଥାନୀୟ ଲୋକେ ବୃଦ୍ଧାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସ୍ଥାନୀୟ ଜଙ୍ଗଲରୁ ରାଇବଣିଆ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଗିରଫ ଯୁବକ ହେଲେ ଗହୀରାବନ୍ଧ ଗ୍ରାମର। ଏନେଇ ବୃଦ୍ଧାଙ୍କ ବୋହୂ ରାଇବଣିଆ ଥାନାରେ ଏତଲା ଦେଇଛନ୍ତି।

# ହିଲ୍ ଟ୍ରାକିଂ, ପକ୍ଷୀଗଣନା କରିବେ ଶିବିରାର୍ଥୀ

## ୮ଦିନିଆ ଗ୍ରାମୀଣ ଶିବିର ଉଦ୍‌ଘାଟିତ

ବାଲେଶ୍ୱର, ୧୧।୨(ବାଞ୍ଛାନିଧି ଦେ): ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜସେବା ବିଭାଗ ତରଫରୁ ୮ଦିନିଆ ଗ୍ରାମୀଣ ଶିବିର ପଞ୍ଚଲିଙ୍ଗେଶ୍ୱରସ୍ଥିତ ଏକ ରିସୋର୍ଟରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଶିବିର ଆୟୋଜିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସମାଜସେବା ବିଭାଗର ଅଧ୍ୟାପିକା ରଶ୍ମିରେଖା ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ନୀଳଗିରି ରେଞ୍ଜର ସୁବ୍ରତ ବେହେରା, ମୁଖ୍ୟବକ୍ତା ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ସମ୍ମାନିତ ଅତିଥି ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀ, ସରପଞ୍ଚ ପୁରୁଷୋତ୍ତମ ସେଠୀ ଓ ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ


ଶିବିର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଯୋଗଦେଇ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଏହି ସାମାଜିକ ସୁଦୃଢ଼ ପଦକ୍ଷେପକୁ ସ୍ୱାଗତ କରିବା ସହ ସମାଜ ପ୍ରତି ଦାୟିତ୍ୱ, ପ୍ରକୃତି ସୁରକ୍ଷା ପ୍ରତି କର୍ତ୍ତବ୍ୟ ଆଦି ବିଷୟରେ ମତ ରଖିଥିଲେ।

ନ୍ୟୁ ଲାଇଫ ଅନୁଷ୍ଠାନ ସମ୍ପାଦକ ବିକ୍ରମକେଶରୀ ଦାସ ଶିବିରରେ ଯୋଗଦେଇ ଉପସ୍ଥିତ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନିଶା ନିବାରଣ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କୁଲଡ଼ିହା ୱାଇଲ୍ଡଲାଇଫ ଅନୁଷ୍ଠାନ ସମ୍ପାଦକ ମନୋରଞ୍ଜନ ଦାସ ଓ ସଂଯୋଜକ ଅସିତ୍ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଶିବିରରେ ଗ୍ରାମଦର୍ଶନ, ବିଭିନ୍ନ ପଥପ୍ରାନ୍ତ ନାଟକ, ହିଲ୍ ଟ୍ରାକିଂ ଏବଂ ପକ୍ଷୀଗଣନା ଆଦି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି। ଶିବିରକୁ ସ୍ୱାଗତ କରି ରିଚ୍ ଲାଇଫ୍‌ର ସଭାପତି ଡ. ତାପସ ରଞ୍ଜନ ପଣ୍ଡା ଛାତ୍ରୀଛାତ୍ରଙ୍କୁ ଟି-ଶାର୍ଟ ଓ ଟୋପି ପ୍ରଦାନ କରିଥିଲେ। ସଭାକୁ ଛାତ୍ରୀ ଶ୍ରଦ୍ଧାଞ୍ଜଳି ସାମଲ ସଂଯୋଜନା ଓ ଶୁଭସ୍ମିତା ଦେ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ବିଫଳତା ହିଁ ସଫଳତାର ଚାବିକାଠି’

## ଦେଉଳା ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ

କାଳିପଦା, ୧୧।୨(ରାଜଶ୍ରୀ ପାଣିଗ୍ରାହୀ): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଦେଉଳା ପଞ୍ଚାୟତ ଦେଉଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜୀବଲୋଚନ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଆଶ୍ରମ ବିଦ୍ୟାଳୟରେ ପିଲାଙ୍କର ସର୍ବାଙ୍ଗୀନ ଉନ୍ନତି ହେବା ସହିତ ସମାଜରେ ଏକ ପ୍ରତିଷ୍ଠିତ ମଣିଷ ହେବାରେ ସହାୟକ ହୋଇଥାଏ ବୋଲି କହିବା ସହିତ ବିଫଳତା ହିଁ ସଫଳତାର ଚାବିକାଠି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଦୈନିକ ଖବରକାଗଜ ‘ସେଇଠୁ ଆରମ୍ଭ’ର ସମ୍ପାଦକ ଶୁଭେନ୍ଦୁ ଦାସ, ସମ୍ମାନିତ ଅତିଥି ରାଜ୍ୟ ଅନୁସୂଚିତ ଜାତି ଏବଂ ଅନୁଜାତି ଶିକ୍ଷକ ସଂଘ ସଭ୍ୟ ଅଜୟ କୁମାର ଗିରି, ଦେଉଳା ସରପଞ୍ଚ ସରୋଜ ପିଳା, ଜିଲା ସଂଘର ସଭାପତି ରତିକାନ୍ତ ପାତ୍ର, ହିନ୍ଦୀ ଶିକ୍ଷକ ଅନନ୍ତ କୁମାର ରାଉଳ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବାଲିଆପାଳ ଉଦିତ କୁମାର ମହାପାତ୍ର, ପଞ୍ଚୁପାଲି ସିଆର୍‌ସିସି ସୁକୁମାର ପଣ୍ଡା, ବରିଷ୍ଠ ଖବରଦାତା ପ୍ରତାପ ପାତ୍ର, ଶିକ୍ଷାବିତ୍ ଗୋବିନ୍ଦ ଦାସ, ଜିଲା ପରିଷଦ ନିଶାକର ସେଠୀ, ସାମାଜିକ କର୍ମୀ କମଳଲୋଚନ ବେହେରା, ମଙ୍ଗଳ ସମ୍ପ୍ରସାରଣ ବାଲିଆପାଳର ଟାଟା ଅପେରଟର ଶ୍ରଦ୍ଧାଞ୍ଜଳି ଗିରି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଖବରଦାତା ଗୋପ ନାରାୟଣ ଜେନା ମଞ୍ଚ ଆହ୍ୱାନ, ଶିକ୍ଷୟିତ୍ରୀ ସଂଯୁକ୍ତା ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଅଜୟ ବର ବାର୍ଷିକ ବିବରଣୀ ପାଠ କରିଥିଲେ। ଖେଳ ଶିକ୍ଷକ ରଞ୍ଜନ କୁମାର ସାହୁଙ୍କ ପରିଚାଳନାରେ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଉର୍ମିଳା ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

# ୩ କରତକଳ ଉପରେ ଚଢ଼ାଉ

## ଯନ୍ତ୍ରାଂଶ ସମେତ କାଠ ଜବତ

ସିମୁଳିଆ, ୧୧।୨(ସନ୍ତୋଷ ନାୟକ): ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ କନ୍ହେଇବିନ୍ଧାର ଦଧିବାମନପୁର, ସାହୁ ଖୋର୍ଦ୍ଧାର ଆମ୍ବଗଡ଼ିଆ ଓ ମଇତାପୁର ଅଞ୍ଚଳରେ ଥିବା ୩ ବେଆଇନ କରତକଳ ଉପରେ ଭିଜିଲାନ୍ସ ଓ ବନ ବିଭାଗ ପକ୍ଷରୁ ମଙ୍ଗଳବାର ମିଳିତ ଚଢାଉ କରାଯାଇଛି। ଏଥିରେ କରତକଳଗୁଡ଼ିକର ଯନ୍ତ୍ରାଂଶ ଓ ମୂଲ୍ୟବାନ କାଠ ଜବତ ହୋଇଛି। ଜବତ ସାମଗ୍ରୀ ଓ କାଠର ଆନୁମାନିକ ମୂଲ୍ୟ ୨୩ ଲକ୍ଷ ୪୯ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ବାଲେଶ୍ୱର ଡିଏଫ୍‌ଓ ଖୁସୱନ୍ତ ସିଂଙ୍କ ନିର୍ଦ୍ଦେଶରେ କଟକ ଭିଜିଲାନ୍ସ ଟିମ୍ ସହିତ ଚାନ୍ଦିପୁର, ସୋର ଓ ବାଲେଶ୍ୱର ବନବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଏସିଏଫ୍ ଜୟଶ୍ରୀ ମୁର୍ମୁ, ସୋର ରେଞ୍ଜର ହରିହର ମାଝୀ, ସିମୁଳିଆର ଅତିରିକ୍ତ ତହସିଲଦାର ଅଙ୍କିତା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଥିଲେ। ଏହି ଚଢାଉରେ କାହାରିକୁ ଗିରଫ କରାଯାଇନାହିଁ। ସୂଚନା ଯେ, ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ଲୋକଦେଖାଣିଆ ଏହି ଚଢ଼ାଉ କରାଯାଉଥିବାରୁ ପୁଣି କରତକଳଗୁଡ଼ିକୁ କାର୍ଯ୍ୟକ୍ଷମ ହେଉଛି।


କରତକଳର ଯନ୍ତ୍ରାଂଶ ଜବତ କରି ନିଆଯାଉଛି।

### ରାଜପଥରେ ଲୁଟ୍: ଛେଳି ବୋଝେଇ ପିକ୍‌ଅପ୍ ଭ୍ୟାନ ଲୁଟି ନେଲେ ଦୁର୍ବୃତ୍ତ

ବସ୍ତା, ୧୧।୨(ହରିଶଙ୍କର ପାଢ଼ୀ): ବାଲେଶ୍ୱର ଜିଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର କୁଣ୍ଡପୁର ଛକ ନିକଟରେ ଛେଳି ବୋଝେଇ ଏକ ପିକଅପ ଭ୍ୟାନକୁ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ମଙ୍ଗଳବାର ଭୋର ସମୟରେ ପଶ୍ଚିମବଙ୍ଗରୁ ଏକ ପିକଅପ ଭ୍ୟାନରେ ୧୨୦ଟି ଛେଳି ନେଇ ସେକ ଅବଦୁଲ କଲାମ ଆଜାଦ ମୟୂରଭଞ୍ଜର ପାଇଲଟ ଛକ ଦେଇ ଅମର୍ଦ୍ଦା ନିକଟ ରାଜପଥରେ ଭଦ୍ରକ ଯାଉଥିଲେ। କୁଣ୍ଡପୁର ଛକ ନିକଟରେ ପଛ ଆଡୁ ଏକ ନମ୍ବର ବିହୀନ ବୋଲେରୋରେ ୫ ଜଣ ଦୁର୍ବୃତ୍ତ ଗାଡ଼ି ଅଟକାଇ ଡ୍ରାଇଭର ସହ ଅନ୍ୟ ୨ ଜଣଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଗାଡ଼ିରେ ଥିବା ୩ଜଣ ଯୁବକଙ୍କୁ ଗୁରୁତର ଅବସ୍ଥାରେ ରାସ୍ତା କଡ଼ରେ ପକାଇ ପିକଅପ ଭ୍ୟାନ ସହ ଛେଳିକୁ ନେଇ ପଳାଇଯାଇଥିଲେ। ବସ୍ତା ପୋଲିସ ଆହତଙ୍କୁ ବସ୍ତା ମେଡିକାଲରେ ଭର୍ତ୍ତି କରିଛନ୍ତି। ତେବେ ପୋଲିସ ରାସଗୋବିନ୍ଦପୁର ଥାନା ଅଞ୍ଚଳରୁ ଜଣେ ଯୁବକଙ୍କୁ ଅଟକ ରଖିଛି।

# ୧୦ ଫୁଟର ଅଜଗର ଉଦ୍ଧାର

ନୀଳଗିରି, ୧୧।୨(ପ୍ରଶାନ୍ତ ବିଶ୍ୱାଳ): ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ୮ନଂ. ୱାର୍ଡ଼ ସାନହଟା ଗାଁରେ ମଙ୍ଗଳବାର ପୂର୍ବାହ୍ନରେ ୧୦ଫୁଟ ଲମ୍ବର ଏକ ଅଜଗର ଉଦ୍ଧାର କରାଯାଇଛି। ଅଜଗର ସୁରେନ୍ଦ୍ର ନାୟକଙ୍କ ବାଡ଼ିକୁ ପଶୁଥିବା ସ୍ଥାନୀୟ ଗ୍ରାମବାସୀ ଦେଖିଥିଲେ। ଉକ୍ତ ଅଜଗର ନୀଳଗିରି ସହର ନିକଟସ୍ଥ ସ୍ୱର୍ଣ୍ଣଚୂଡ଼ ପାହାଡ଼ରୁ ଖାଦ୍ୟ ଅନ୍ୱେଷଣରେ ଗ୍ରାମାଭିମୁଖୀ ହୋଇଥିବା ଅନୁମାନ କରାଯାଉଛି। ଖଗେଶ୍ୱର ବେହେରା ନାମକ ଯୁବକ ସୁରକ୍ଷିତ ଭାବେ ସାପକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ସାପ ନେଇ କୁଲଡିହା ଅଭୟାରଣ୍ୟରେ ଛାଡ଼ି ଦେଇଛନ୍ତି। ପୂର୍ବରୁ ମଧ୍ୟ ବହୁବାର ଅଜଗର ସ୍ୱର୍ଣ୍ଣଚୂଡ ପାହାଡରୁ ଖାଦ୍ୟ ଅନ୍ୱେଷଣରେ ଗ୍ରାମାଭିମୁଖୀ ହୋଇଥିଲା।


ଉଦ୍ଧାର ଅଜଗର।

# ‘ଭକ୍ତି ମଣିଷକୁ ଚେତନାଦୀପ୍ତ କରେ’

ଭୋଗରାଇ, ୧୧।୨(ପ୍ରଦୀପ ଦାସ): ଭକ୍ତି ଆଣେ ଶକ୍ତି। ଭକ୍ତି ଓ ଶକ୍ତି ପରସ୍ପର ପରିପୂରକ। ଏହା ମାନବୀୟ ଚେତନାକୁ ଦୀପ୍ତିମନ୍ତ କରେ ଓ ଅବକ୍ଷୟ ସମାଜକୁ ମଧୁମୟ କରି ଗଢି ତଳେ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ନୂତନ ଗ୍ରାମରେ ହେଉଥିବା କଳିକଲୁଷନାଶିନୀ ଧାର୍ମିକ ଜାଗରଣ ମଞ୍ଚରେ ସୋମବାର ସନ୍ଧ୍ୟାରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଏହି ଧାର୍ମିକ ଜାଗରଣ ମଞ୍ଚର କାର୍ଯ୍ୟକାରୀ ସଭାପତି ନାବାର୍ଡର ଅବସରପ୍ରାପ୍ତ ମହାପ୍ରବନ୍ଧକ ରଞ୍ଜିତ ଦାସଙ୍କ ସଭାପତିତ୍ୱରେ ପରିଚାଳିତ ଏହି ମଞ୍ଚରେ ଅନୁଷ୍ଠାନର ସଭାପତି କୃପାସିନ୍ଧୁ ମହାପାତ୍ର ଓ ନିମାଇଁ ଚରଣ ମହାପାତ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ସାରସ୍ୱତ ଜଗତର ସାଧକ କାଳିକିଙ୍କର ଦାଶ ପ୍ରମୁଖ ସୁସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଏହି ଧାର୍ମିକ ଜାଗରଣ ଅଞ୍ଚଳକୁ ଧାର୍ମିକ ଆଲୋକ ବର୍ତ୍ତିକା ଦେଖାଉଥିବା ପ୍ରକାଶ କରିଥିଲେ। ଦିଲୀପ କୁମାର ଦେ ଧନ୍ୟବାଦ ଦେଇଥିଲେ। ଉକ୍ତ ଧାର୍ମିକ କମିଟିର ମୁଖ୍ୟ ଉପଦେଷ୍ଟା ସତ୍ୟ ନାରାୟଣ ପାତ୍ର, ସୁଶାନ୍ତ ଦାସ, ଗୋପବନ୍ଧୁ ମହାପାତ୍ର, ସୁକୁମାର ଦାସ, ଅରବିନ୍ଦ ଦତ୍ତ, ମନୋଜ ଦତ୍ତ ଓ ଧୀରେନ୍ଦ୍ର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।


ଜାଗରଣ ମଞ୍ଚରେ ଉପସ୍ଥିତ ଅତିଥି।

# ସ୍ୱାମୀ ନିଗମାନନ୍ଦଙ୍କ ପ୍ରାଦେଶିକ ଭକ୍ତ ସମ୍ମିଳନୀ

ସୋର, ୧୧।୨(ଜନ୍ମେଜୟ ମିଶ୍ର): ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘ ପ୍ରଭାରୀଙ୍କ ତତ୍ତ୍ୱାବିଧାନରେ ବାଲେଶ୍ୱର ଜିଲା ସଂଘ ଆନୁକୂଲ୍ୟରେ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ୭୪ତମ ଅଧିବେଶନ ସୋର ଶାଖା ସଂଘ ସୋର ଆସନ ମନ୍ଦିର ନିକଟସ୍ଥ ସୋର ରାଇପୁରସ୍ଥିତ ମହୋତ୍ସବ ପଡ଼ିଆରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ୩ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋର ବିଧାୟକ ମାଧବ ଧଡ଼ା, ପୌରାଧକ୍ଷା ସସ୍ମିତା ଦାସ, ନୀଳାଚଳ ଶାଶ୍ୱତ ସଂଘ ସଭାପତି ସନ୍ତୋଷ ମହାନ୍ତି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଯୋଗଦେଇ ଠାକୁରଙ୍କ ଜୀବନୀ ବାବଦରେ ଆଲୋକପାତ କରିଥିଲେ। ବିଭିନ୍ନ ରାଜ୍ୟ ସମେତ ବିଭିନ୍ନ ଜିଲାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମଧୁବନରେ ହୋଇଥିବା ଦୁର୍ଘଟଣାକୁ ଆଖିଆଗରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ବିଭାଗର ସହଯୋଗ ସହିତ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ସହରର ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଛି।


ସମ୍ମିଳନୀରେ ଉପସ୍ଥିତ ଭକ୍ତ।

# ମହିଳାଙ୍କ ମୌଳିକ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱ

## ବ୍ଲକସ୍ତରୀୟ ଆଇନ ସଚେତନତା କର୍ମଶାଳା

ବାଲେଶ୍ୱର, ୧୧।୨(ବାଞ୍ଛାନିଧି ଦେ): ବାଲେଶ୍ୱର ଟାଉନ ହଲ୍ ପରିସରରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ପକ୍ଷରୁ ଜିଲା ପ୍ରଶାସନ ଓ ଜିଲା ସମାଜ ମଙ୍ଗଳ ବିଭାଗ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକ ଦିବସୀୟ ବ୍ଲକସ୍ତରୀୟ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ଗୌରୀମଣି ନାୟକ ସଭାପତିତ୍ୱ କରି ମହିଳାଙ୍କ ମୌଳିକ ଅଧିକାରର ସୁରକ୍ଷା ଲାଗି ନ୍ୟାୟ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ନିମନ୍ତେ କର୍ମଶାଳା ଆୟୋଜନ ହୋଇଥିବା କହିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ସମ୍ମାନିତ ଅତିଥି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ, ସଂସାଧନ ସଭ୍ୟ ଗୋପାଳ କୃଷ୍ଣ କର ଏବଂ ସଂସାଧନ ସଭ୍ୟା ସ୍ନେହଲତା ଦାସପତି ଯୋଗଦେଇ ଲିଙ୍ଗଗତ ସମାନତାର ମୌଳିକ ଧାରଣା ଏବଂ ଲିଙ୍ଗଭିତ୍ତିକ ହିଂସାର ବିଭିନ୍ନ ରୂପ ଉପରେ ଆଲୋକପାତ କରିଥିଲେ। ଅପହରଣ, ଚାଲାଣ, ଯୌନ ନିର୍ଯାତନା, ବଳାତ୍କାର, ହତ୍ୟା ଏବଂ ସମାଜ ଉପରେ ଲିଙ୍ଗଗତ ଭେଦଭାବର କୁପ୍ରଭାବ ଉପରେ ଆଲୋଚନା ହୋଇଥିଲା। ଏଥିସହିତ ଆଇନଗତ ଦୃଷ୍ଟାନ୍ତ, ଯୁଗାନ୍ତକାରୀ ରାୟ, ପ୍ରତିଷେଧକ ବ୍ୟବସ୍ଥା, ଗୋଷ୍ଠୀଗତ ଉତ୍ତରଦାୟିତ୍ୱକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ଦକ୍ଷତା ବିକାଶ ପରାମର୍ଶ ଶିବିର

ଜଳେଶ୍ୱର, ୧୧।୨(ରବିନାରାୟଣ ପାତ୍ର): ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ପରିସରରେ ଦକ୍ଷତା ବିକାଶ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବେକାର ଯୁବତୀ ଯୁବକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଲାଗି ଦକ୍ଷତା ବିକାଶ ଓ ନିୟୋଜନ ସଚେତନତା ସୃଷ୍ଟି କରାଯାଇଥିଲା। ବ୍ଲକ ସମ୍ମଳନୀ କକ୍ଷରେ ଆୟୋଜିତ ସଭାରେ ବିପିଏମ୍ ନିରଞ୍ଜନ ନାୟକଙ୍କ ପରିଚାଳନାରେ ବିଡିଓ ଗୌରାଙ୍ଗ ଘୋଷ, ଜିଲା ପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷା ସଂଜିତା ସେନାପତି, ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ସୌରଭ କୁମାର ରାଉତ, ଡିଏସ୍‌ଓ ରଶ୍ମିରଞ୍ଜନ ମହାନ୍ତି, କର୍ମ ନିୟୋଜନ ଅଧିକାରୀ ଗତିକୃଷ୍ଣ ବେହେରା, ଉପନିର୍ଦ୍ଦେଶକ ଆଶୁତୋଷ ନୟନ ଦେ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ।



ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ଶହୀଦ ତିଲକା ମାଝିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ

ନୀଳଗିରି, ୧୧।୨(ପ୍ରଶାନ୍ତ ବିଶ୍ୱାଳ): ପ୍ରଥମ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାବା ତିଲକା ମାଝି(ମୁର୍ମୁ)ଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ନୀଳଗିରି ବ୍ଲକ୍ ନରଣପୁର ପଞ୍ଚାୟତ ଦଳକିସାହିଠାରେ ବାବା ତିଲକା ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି ଏବଂ ପୂର୍ବତନ ଇଣ୍ଡିଆନ ବ୍ୟାଙ୍କର ଚିଫ୍ ମ୍ୟାନେଜର ଗୋପାଳ ଚନ୍ଦ୍ର ମାଝି ମିଳିତ ଭାବେ ଉନ୍ମୋଚନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ରିଜର୍ଭ ବ୍ୟାଙ୍କର ପୂର୍ବତନ ସିଜିଏମ ମଦନ ମୋହନ ମାଝି, ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ ଶାଖା ପରିଚାଳକ ଶରତ ଚନ୍ଦ୍ର ମାଝି, ଅବସରପ୍ରାପ୍ତ ଜେଲ ଡିଆଇଜି ରଘୁନାଥ ମାଝି, ନରଣପୁର ପଞ୍ଚାୟତ ସମିତିସଭ୍ୟା ବିଦ୍ୟୁତପ୍ରଭା ପାତ୍ର, ବରିଷ୍ଠ ବିଜେଡି ନେତା ଗଙ୍ଗାଧର ମିଶ୍ର, ରାଜୀବ ଦାସବାବୁ ମଞ୍ଚାସୀନ ରହି ବାବା ତିଲକାଙ୍କ ତ୍ୟାଗମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରଭାତ ମୁର୍ମୁ ସୋମନାଥ ଗୁଡ୍ଡୁ, ଶତ୍ରୁଘ୍ନ ମୁର୍ମୁଙ୍କ ସହ କ୍ଲବ ସମ୍ପାଦକ ତଥା ମାଝିହାଡ଼ାମ୍ ପାରାନ୍ ମାଝି, ଫକୀରା ମାଝି, ପରମାନନ୍ଦ ମାଝି, କାହ୍ନୁ ମାଝି, ଦୁଲାରୀ ମାଝି ଓ ଫାତୁ ମାଝି ପ୍ରମୁଖ ସାମିଲ ରହି ସହଯୋଗ କରିଥିଲା ବେଳେ ୨୧ଟି ଗ୍ରାମର ମାଝିହାଡାମ୍ ସାମିଲ ଥିଲେ।


ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ।

# ବଗେଇପୁର ମୌଜାରେ ବଢୁଛି ଖଣି ଚୋରି

ଖଇରା, ୧୧।୨(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ ବଗେଇପୁର ମୌଜାରେ ଖଣି ଚୋରି ବଢିବାରେ ଲାଗିଛି। ଅଜୟ କୁମାର ଦାସ ନାମକ ନିଲାମଧାରୀଙ୍କ ଥାନାରେ ଅଭିଯୋଗ ପରେ ଏହି ଚୋରି ଲୋକଲୋଚନକୁ ଆସିଛି ।ଏବେ ବାରିପଦାରେ ରହୁଥିବା ସାରୁଗାଁ ଗ୍ରାମନିବାସୀ ଦାସ ବଗେଇପୁର ମୌଜାର ୨୫ ନମ୍ବର ଖଣିର ନିଲାମ ନେଇଥିବା ବେଳେ ଏବେ ପରିବେଶ ମଞ୍ଜୁରୀ ପାଇଁ ଖଣିର ପଥର ଉତ୍ତୋଳନ ସାମୟିକ ଭାବେ ବନ୍ଦ ରହିଛି। ଏହାକୁ ମୌକା ଭାବି କିଛି ସ୍ଥାନୀୟ ବାସିନ୍ଦା ଖଣିରେ ବ୍ଲାଷ୍ଟିଂ କରିବା ପରେ ପଥର ଚୋରି କରି ବିକି ଚାଲିଛନ୍ତି। ଯଦ୍ୱାରା ତାଙ୍କର ଖଣି ବଡ ବଡ ଖାଲଖମାରେ ପରିପୂର୍ଣ୍ଣ ହୋଇଗଲାଣି। ଏବେ ଖଣିର ସୁରକ୍ଷା ଦାୟିତ୍ୱ ରାଜସ୍ୱ ବିଭାଗ ଓ ପୋଲିସ ହାତରେ ଥିବା ବେଳେ ତାଙ୍କ ଖଣି ପଥରଶୂନ୍ୟ ହେବାକୁ ନେଇ ସେ ବିଭାଗୀୟ ଉଦାସୀନତାକୁ ଦାୟୀ କରିଛନ୍ତି। ଏ ସମ୍ପର୍କରେ ଖଇରା ଥାନାଧିକାରିଣୀ ମୌସୁମୀ ମହାନ୍ତିଙ୍କୁ ପଚାରିବାରେ ଅଭିଯୋଗ ପରେ ଖଣି ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଥିବା କହିଛନ୍ତି।


ପଥରଚୋରମାନେ ଖଣି ଚୋରି ପରେ ସୃଷ୍ଟି ହୋଇଥିବା ଗାତ।

